ଘରେବସି ମୋବାଇଲ୍‌ରେ କୃଷିସମ୍ବନ୍ଧୀୟ ଜ୍ଞାନ ପାଆନ୍ତୁ

## ଜନଜାତି ଉପଯୋଜନା ତରଫରୁ ଆଦିବାସୀ ମହିଳାମାନଙ୍କ ଦ୍ୱାରା ବ୍ରଏଲର କୁକୁଡ଼ା ଫାର୍ମ ସ୍ଥାପିତ



ସୁନ୍ଦରଗଡ଼ ଜିଲ୍ଲା ଆଦିବାସୀ ବହୁଳ ହୋଇଥିବାରୁ ଜନଜାତି ଉପଯୋଜନା ମାଧ୍ୟମରେ କୃଷି ବିଜ୍ଞାନ କେନ୍ଦ୍ର, ରାଉରକେଲା ତରଫରୁ ଆଦିବାସୀ ମହିଳାମାନଙ୍କ ଆର୍ôଥିକ ସ୍ୱଚ୍ଛଳତା ବୃଦ୍ଧି କରିବା ପାଇଁ ସେମାନଙ୍କୁ ବ୍ରଏଲର କୁକୁଡ଼ା ଫାର୍ମ କାର୍ଯ୍ୟକ୍ରମର ଅନ୍ତର୍ଭୁକ୍ତ କରାଯାଇଥିଲା । ଏଥିରେ ଖଟନକୁଦର ଗ୍ରାମର ୨୦ ଜଣ ମହିଳାଙ୍କ ଦ୍ୱାରା ୩ଟି ବ୍ରଏଲର ଫାର୍ମ କରାଯାଇଥିଲା ଓ ହିତାଧିକାରୀଙ୍କୁ ୨୦୦ଟି ଲେଖାଏଁ କୁକୁଡ଼ା ଛିଆଁ ପ୍ରଦାନ କରାଯାଇଥିଲା । କୁକୁଡ଼ାମାନଙ୍କୁ ଟିକାଦାନ, ଚିକିତ୍ସା ଓ ଉପଯୁକ୍ତ ଖାଦ୍ୟ ଇତ୍ୟାଦିର ବ୍ୟବସ୍ଥା ସ୍ଥାନୀୟ ପଶୁ ଚିକିତ୍ସା ଅଧିକାରୀଙ୍କ ସହାୟତାରେ କରାଯାଇଥିଲା । ଛିଆଁମାନଙ୍କ ସଠିକ୍ ଶରୀର ଓଜନ ପ୍ରାୟ ୧ କିଗ୍ରାର ବୃଦ୍ଧି ପାଇଛି । ୪୫ ଦିନ ପରେ ଏହି କୁକୁଡ଼ା ଗୁଡ଼ିକ ବିକ୍ରି ଉପଯୋଗୀ ହୋଇପାରିବ । ଏହି କାର୍ଯ୍ୟକ୍ରମ ଆଦିବସୀ ମହିଳାମାନଙ୍କୁ ସ୍ୱାବଲମ୍ବୀ କରାଇବା ସହ ସେମାନେ ସେମାନଙ୍କ ବଳକା ସମୟକୁ ଏହି କାର୍ଯ୍ୟକ୍ରମରେ ନିବେଶ କରିପାରିବେ । ସ୍ୱଳ୍ପ ଖର୍ଚ୍ଚରେ ବ୍ରଏଲର କୁକୁଡ଼ା ପାଳନ କରାଯାଇ ପାରୁଥିବାରୁ ଏଥିପ୍ରତି ଆଦିବାସୀ ମହିଳାଙ୍କ ଉତ୍ସାହ ବୃଦ୍ଧି ପାଇଛି । ନିଜ ପରିବାରର ମାଂସ ଖର୍ଚ୍ଚ ତୁଲାଇବା ସହିତ ଏହାକୁ ବିକ୍ରିକରି ବେଶ୍ ଲାଭବାନ ମଧ୍ୟ ହୋଇପାରିବେ । ଫଳତଃ ଅଭାବ ଅନାଟନରେ ସଢୁଥିବା ପରିବାର ପାଇଁ ବ୍ରଏଲର ପାଳନ ଅତ୍ୟନ୍ତ ଉପଯୋଗୀ ହୋଇପାରିଛି ।

## ଆଦିବାସୀ ଉପଯୋଜନା ଅନ୍ତର୍ଗତ ପାକଶାଳୀ ବଗିଚାର ପ୍ରଦର୍ଶନ





ଆଦିବାସୀ ପରିବାରଗୁଡ଼ିକର ଆର୍ଥିକ ଅନାଟନ ଏବଂ ସଚେତନତା ଅଭାବରୁ ସୁଷମ ଖାଦ୍ୟ ଅଭାବ ଏକ ସାଧାରଣ ସମସ୍ୟାଭାବେ ଦେଖାଦେଇଛି । ପନିପରିବାର ଅତ୍ୟଧିକ ମୂଲ୍ୟ ବୃଦ୍ଧି ଯୋଗୁଁ ଆଦିବାସୀ ପରିବାରରେ ବିଶେଷ କରି ମହିଳା ଓ ଶିଶୁମାନେ ଅନେକ ଖାଦ୍ୟସାର ଅଭାବ ଜନିତ ସ୍ୱାସ୍ଥ୍ୟ ସମସ୍ୟାର ଶିକାର ହୋଇଥାନ୍ତି । ଏହି ଉପଲକ୍ଷେ କୃଷି ବିଜ୍ଞାନ କେନ୍ଦ୍ର ରାଉରକେଲା ଦ୍ୱାରା ବାଗବୁଡ଼ି ଗ୍ରାମରେ ମହିଳାମାନଙ୍କୁ ପାକଶାଳା ବଗିଚା କିରିବା ନିମନ୍ତେ ପ୍ରଶିକ୍ଷଣ ଦିଆଯାଇଥିଲା । ଉନ୍ନତ ପ୍ରଣାଳୀ ତଥା ବୈଜ୍ଞାନିକ ପଦ୍ଧତିରେ ପାକଶାଳା ବଗିଚା କରିବା ପାଇଁ ସେମାନଙ୍କୁ ଉନ୍ନତ ମାନର ମଞ୍ଜି ଓ ପନିପରିବା ଚାରା ଆଦିବାସୀ ଉପଯୋଜନା କାର୍ଯ୍ୟକ୍ରମ ମାଧ୍ୟମରେ ଯୋଗାଇ ଦିଆଯାଇଥିଲା । ୨୦୦ ବର୍ଗ ମିଟର ଆୟତାକାର କ୍ଷେତ୍ରରେ ସେମାନେ ପଟାଳୀ କରି ଭେଣ୍ଡି, ବାଇଗଣ, ଲଙ୍କା, ଟମାଟୋ, ଫୁଲକୋବି, ବନ୍ଧାକବି, ଶାଗ ଇତ୍ୟାଦି ଚାଷ କରି ନିଜର ପରିବାରରେ ଆବଶ୍ୟକତା ପୂରଣ କରିବା ସହିତ ଅବଶିଷ୍ଟ ଉତ୍ପାଦକ ବିକ୍ରି କରି ବିଶେଷ ଲାଭାନ୍ୱିତ ହୋଇଥିଲେ ।


### ସଂପାଦନା

**ପ୍ରକାଶକ ଓ ମୁଖ୍ୟ ସଂପାଦକ**
ଜୟନ୍ତ କୁମାର ପତି
କାର୍ଯ୍ୟକ୍ରମ ସଂଯୋଜକ

**ସଂପାଦନା ମଣ୍ଡଳୀ**
ଶ୍ରୀଯୁକ୍ତ ସଞ୍ଜୟ କୁମାର ପ୍ରଧାନ
ଶ୍ରୀମତୀ ବିଜୟଲକ୍ଷ୍ମୀ ସାହୁ

**ସହାୟତା:**
ସୋମଦତ୍ତ ମହାନ୍ତି

**ଯୋଗାଯୋଗ:**
କୃଷିବିଜ୍ଞାନ କେନ୍ଦ୍ର, ହକିଛକ, ପାନପୋଷ
ରାଉରକେଲା- ୭୬୯୦୦୪
ଫୋନ: ୦୬୬୧-୨୬୬୪୦୫୦
E-mail: rourkelakvk@gmail.com
www.kvksundargarh2.org



This News letter is Printed, Published & Owned by Sinior Scientist & Head, KVK, Sundargarh-II, Rourkela, Dist: Sundargarh, Pin: 769004, Phone: 0661-2664050, E-mail: kvksundergarh2.ouat@gmail.com, www.kvksundargarh2.org, Printed at: ankitagraphics, BBSR, Cell:9437077337
Chief Editor: Dr. Jayant Kumar Pati





ତ୍ରୟମାସିକ କୃଷି ସମାଚାର ପତ୍ର


# ଇସ୍ପାତ କୃଷି ବାର୍ତ୍ତା

# The Ispat Krushi Bartta


Krishi Vigyan Kendra, Sundargarh-II
Orissa University of Agriculture & Technology, Bhubaneswar

କୃଷି ବିଜ୍ଞାନ କେନ୍ଦ୍ର, ସୁନ୍ଦରଗଡ଼-୨
ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ, ଭୁବନେଶ୍ୱର

ଚତୁର୍ଥ ବର୍ଷ | ଜାନୁଆରୀ-ମାର୍ଚ୍ଚ ୨୦୧୭ | ଚତୁର୍ଥ ସଂଖ୍ୟା


## ବରିଷ୍ଠ ବୈଜ୍ଞାନିକ ତଥା ମୁଖ୍ୟଙ୍କ କଲମରୁ...



ସୁନ୍ଦରଗଡ଼ ଓଡ଼ିଶାର ଏକ ଆଦିବାସୀବହୁଳ କୃଷି ସମୃଦ୍ଧ ଜିଲ୍ଲା ଅଟେ । ଏହି ଜିଲ୍ଲାରେ ମୁଖ୍ୟତଃ ଧାନ, ମୁଗ, ଚିନାବାଦାମ ଓ ମତ୍ସ୍ୟଚାଷ ବହୁଳ ଭାବରେ କରାଯାଏ । କୃଷିରେ ହେଉଥିବା ବିଭିନ୍ନ ଗବେଷଣାଲବ୍ଧ ଜ୍ଞାନକୌଶଳକୁ ଚାଷୀମାନଙ୍କ ପାଖରେ ପହଞ୍ଚାଇବା ଉଦ୍ଦେଶ୍ୟରେ କୃଷି ବିଜ୍ଞାନ କେନ୍ଦ୍ର, ରାଉରକେଲା ବର୍ଷବର୍ଷ ଧରି ସଫଳ ଚେଷ୍ଟା କରିଆସୁଅଛି । ଏହି କେନ୍ଦ୍ର ଦ୍ୱାରା କରାଯାଇଥିବା କ୍ଷେତ୍ର ପରୀକ୍ଷଣ, ପ୍ରଦର୍ଶନ, ପ୍ରଶିକ୍ଷଣ ଓ ଅନ୍ୟ ସଂପ୍ରସାରଣ କାର୍ଯ୍ୟକ୍ରମଦ୍ୱାରା ଜିଲ୍ଲାରେ ବିଭିନ୍ନ ପ୍ରକାର ଜମିରେ ଚାଷ କରାଯାଇ ଖରିଫ ଏବଂ ରବି ଋତୁରେ ଅମଳ ବୃଦ୍ଧି ହୋଇପାରିଛି । ଏତଦ୍ ବ୍ୟତୀତ ମତ୍ସ୍ୟଚାଷ କରାଯାଇ ଚାଷୀଭାଇମାନଙ୍କୁ ଉନ୍ନତ ବୈଜ୍ଞାନିକ ଜ୍ଞାନ କୌଶଳ ଯୋଗାଇଦେବା ସହିତ ଉନ୍ନତମାନର ମାଛଯାଆଁଳ ଯୋଗାଇ ଦିଆଯାଇଛି । ଘର ଅଗଣାରେ କୁକୁଡ଼ା ଚାଷ କରି ମହିଳାମାନେ ନିଜକୁ ସ୍ୱାବଲମ୍ବୀ କରିବା ସହିତ ପରିବାର ଉନ୍ନତି କରିପାରିଛନ୍ତି । ପନିପରିବା ଚାଷରେ ସୁନ୍ଦରଗଡ଼ ଜିଲ୍ଲା ରାଜ୍ୟରେ ଆଗରେ ରହିଛି । ଆମ କେନ୍ଦ୍ରର ବୈଜ୍ଞାନିକମାନେ ଆଗୁଆଧାଡ଼ି କ୍ଷେତ୍ର ପ୍ରଦର୍ଶନ, କର୍ମଶାଳା ଆୟୋଜନ କରିବା ସହିତ ଚାଷୀଭାଇମାନଙ୍କୁ ନେଇ ଏକ ବିଶାଳ କୃଷି ପ୍ରଦର୍ଶନ, ମହିଳା ଓ କୃଷକ ଗୋଷ୍ଠୀ ଗଠନକରି ସେମାନଙ୍କୁ ବିଭିନ୍ନ ପ୍ରକାର ଚାଷର ତାଲିମ୍ ପ୍ରଦାନ କରିଆସୁଛନ୍ତି । ଚାଷୀମାନଙ୍କୁ ଜ୍ଞାନ ଆହରଣ ନିମନ୍ତେ ଆମ କେନ୍ଦ୍ରରେ ଥିବା ଚାରା ନର୍ସରୀ, ପଲିହାଉସ୍, ମାଛ ଯାଆଁଳ ଉତ୍ପାଦନ କେନ୍ଦ୍ର, କୁକୁଡ଼ା-ବତକ ପାଳନ କେନ୍ଦ୍ର, ଛତୁ ଉତ୍ପାଦନ କେନ୍ଦ୍ର, ଛତୁ ମଞ୍ଜି ଉତ୍ପାଦନ କେନ୍ଦ୍ର, ସମନ୍ୱିତ କୃଷି କ୍ଷେତ୍ର ଆଦି ପରିଦର୍ଶନ କରିଥାନ୍ତି । ଏହି ସବୁ ସଫଳ କାର୍ଯ୍ୟକ୍ରମର ସୁଦୂର ପ୍ରସାର ପାଇଁ ଆମ କୃଷି ବିଜ୍ଞାନ କେନ୍ଦ୍ର ପକ୍ଷରୁ ପ୍ରକାଶ ପାଉଥିବା 'ଇସ୍ପାତ କୃଷି ବାର୍ତ୍ତା'ର ଚତୁର୍ଥ ବର୍ଷର ଚତୁର୍ଥ ସଂଖ୍ୟା ପ୍ରକାଶ ପାଉଥିବାରୁ ମୁଁ ବହୁତ ଆନନ୍ଦିତ ଏବଂ ଇସ୍ପାତ କୃଷି ବାର୍ତ୍ତାରେ ସ୍ଥାନିତ କାର୍ଯ୍ୟକ୍ରମ, ସଫଳ କାହାଣୀ ଓ ସୂଚନା ଆଧୁନିକ ଜ୍ଞାନ କୌଶଳର ସଂପ୍ରସାରଣ କ୍ଷେତ୍ରରେ ଆମ ଅଂଚଳର ଚାଷୀଭାଇମାନଙ୍କ ନିମନ୍ତେ ସହାୟକ ହେବ ବୋଲି ମୋର ଆଶା ଓ ବିଶ୍ୱାସ ।

## ସ୍ୱୟଂ ସହାୟକ ଗୋଷ୍ଠୀ ସମ୍ମିଳନୀ

କୃଷି ବିଜ୍ଞାନ କେନ୍ଦ୍ର ରାଉରକେଲା ତରଫରୁ ବିଶ୍ରା ବ୍ଲକର ଝିରପାଣିଠାରେ ସ୍ୱୟଂ ସହାୟକ ଗୋଷ୍ଠୀ ସମ୍ମିଳନୀର ଆୟୋଜନ କରାଯାଇଥିଲା । ଏଥିରେ ବିଶ୍ରା ବ୍ଲକର ୮ଟ ସ୍ୱୟଂ ସହାୟକ ଦଳର ୫୦ ଜଣ ମହିଳା ଯୋଗଦାନ କରିଥିଲେ । ସ୍ଥାନୀୟ ଦିବ୍ୟଜ୍ୟୋତି ମହିଳା ସଂଘର ସଭାପତି ଏଥିରେ ସଭାପତିତ୍ୱ କରିଥିଲେ । କୃଷି ଭିତ୍ତିକ ରୋଜଗାର ପନ୍ଥା ତଥା କୃଷି କୃଷିଜାତ ଉତ୍ପାଦର ମୂଲ୍ୟଯୁକ୍ତ ପଦାର୍ଥ ପ୍ରସ୍ତୁତ କରିବା ପାଇଁ ଏଥିରେ ସ୍ୱୟଂ ସହାୟକ ଦଳର ସଭ୍ୟାମାନଙ୍କୁ ସଚେତନ କରାଯାଇଥିଲା । ସଫଳ ହୋଇଥିବା ମହିଳାମାନେ ଏହି ସଭାରେ ନିଜର ବ୍ୟବସାୟଗତ ଅନୁଭୂତିକୁ ପ୍ରକାଶ କରି ଅନ୍ୟମାନଙ୍କୁ ଉତ୍ସାହିତ କରିଥିଲେ । ରାଉରକେଲା ଉପକଣ୍ଠରେ ବିଶେଷ ବଜାର ବ୍ୟବସ୍ଥା ବିଷୟରେ ମଧ୍ୟ ମହିଳାମାନଙ୍କୁ ଅବଗତ କରାଯାଇଥିଲା ।



## 'ଆଳୁ'ର ଉତ୍ପାଦନ ବୃଦ୍ଧି ପାଇଁ ପ୍ରଶିକ୍ଷଣ କାର୍ଯ୍ୟକ୍ରମ

ଆତ୍ମା ସୁନ୍ଦରଗଡ଼ ଓ କୃଷିବିଜ୍ଞାନ କେନ୍ଦ୍ରର ମିଳିତ ଅନୁକୂଲ୍ୟରେ ଉପ-ଉଦ୍ୟାନ ଅଧିକାରୀ ପାନପୋଷଠାରେ ଏକ "ଉନ୍ନତ ପ୍ରଣାଳୀରେ ଆଳୁଚାଷ" ତାଲିମର ଆୟୋଜନ କରାଯାଇଥିଲା । ବିଭିନ୍ନ ବ୍ଲକରୁ ପ୍ରାୟ ୭୦ ଜଣ ଚାଷୀ ଏହି କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ । ଏଥିରେ କୃଷି ବିଜ୍ଞାନ କେନ୍ଦ୍ରର ବରିଷ୍ଠ ବୈଜ୍ଞାନିକ ଆଳୁର ବଜାର ଚାହିଦା ବିଷୟରେ ଚାଷୀମାନଙ୍କୁ ଅବଗତ କରାଇଥିଲେ । ବିଭିନ୍ନ ବୈଜ୍ଞାନିକ ଓ ଅଧିକାରୀମାନେ ଚାଷୀମାନଙ୍କୁ ଆଳୁର ବିହନ ଚୟନ, ଖତ ସାର ପ୍ରୟୋଗ, ରୋଗ ପୋକ ନିଦାନ, ବିଭିନ୍ନ କିସମର ଉପାଦେୟତା ଇତ୍ୟାଦି ବିଷୟରେ ଚାଷୀମାନଙ୍କୁ ସମ୍ୟକ୍ ଭାବରେ ବୁଝାଇଥିଲେ ।



## ସଂପ୍ରସାରଣ କର୍ମୀଙ୍କ ତାଲିମ୍ କାର୍ଯ୍ୟକ୍ରମ



କୃଷି ବିଜ୍ଞାନ କେନ୍ଦ୍ର ତରଫରୁ ଶିଶୁ ଓ ମହିଳା ବିକାଶ ବିଭାଗର ଅଙ୍ଗନୱାଡ଼ି କର୍ମୀମାନଙ୍କ ପାଇଁ ଏକ ତାଲିମ କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ନିଜର ସମ୍ବଳଙ୍କୁ ଉପଯୋଗ କରି ଗ୍ରାମାଞ୍ଚଳର କୃଷି ପରିବାର ଗୁଡ଼ିକର ଖାଦ୍ୟ ଓ ପୋଷକ ନିରାପତ୍ତା ଉଦ୍ଦେଶ୍ୟରେ ସଚେତନତା ସୃଷ୍ଟି କରାଯାଇଥିଲା । କେବଳ ଅର୍ଥାଭାବ ନୁହେଁ ନିଜର ଅଜ୍ଞତା ଓ ଅନ୍ଧବିଶ୍ୱାସ ଯୋଗୁଁ ମଧ୍ୟ ଗ୍ରାମାଞ୍ଚଳର ପରିବାରର ସଦସ୍ୟମାନେ ଅପପୃଷ୍ଟିର ଶିକାର ହୋଇଥାନ୍ତି । ସ୍ଥାନୀୟ ଭାବରେ ମିଳୁଥିବା ପନିପରିବା, ଫଳ, ଶାଗ ଇତ୍ୟାଦି ବ୍ୟବହାର କରିବା, ଋତୁକାଳୀନ ପନିପରିବା ସଂରକ୍ଷଣ କରିବା ପଶୁପାଳନ ଓ କୁକୁଡ଼ା ପାଳନ ଇତ୍ୟାଦି ଆପଣେଇ ପରିବାରରେ ଖାଦ୍ୟର ମାନ ବୃଦ୍ଧି କରିବା ପାଇଁ ସେମାନଙ୍କୁ ସୂଚିତ କରାଯାଇ ଅଙ୍ଗନୱାଡ଼ି କର୍ମୀମାନଙ୍କୁ ସମାଜରେ ଅପପୁଷ୍ଟି ନିରାକରଣର ମାଧ୍ୟମ ରୂପେ ଉଦ୍‌ବୋଧନ କରାଯାଇଥିଲା ।

## ପ୍ରାଣୀ ଚିକିତ୍ସା ଶିବିର ଆୟୋଜନ

କୃଷି ବିଜ୍ଞାନ କେନ୍ଦ୍ର ରାଉରକେଲା ଦ୍ୱାରା ସ୍ଥାନୀୟ ସାଂସଦଙ୍କ ପୋଷ୍ୟଗ୍ରାମ ଗୁରୁଣ୍ଡିଆ ବ୍ଲକର ନୁନିଆପାଲିଠାରେ ତା. ୨୮.୩.୨୦୧୭ରେ ଆୟୋଜିତ ଏକ ଦିନିକିଆ ପ୍ରାଣୀ ଚିକିତ୍ସା ଶିବିରର ଆୟୋଜନ ହୋଇଥିଲା । ବ୍ଲକ୍ ପ୍ରାଣୀ ଚିକିତ୍ସା ଅଧିକାରୀ ଓ ତାଙ୍କର ଅନ୍ୟାନ୍ୟ କର୍ମଚାରୀଙ୍କ ସହାୟତାରେ ଆଦିବାସୀ ଅଧ୍ୟୁଷିତ ନୁନିଆପାଲି ଗ୍ରାମରେ ପଶୁପାଳନ ଯଥା ଗାଈ, ଛେଳି, ମଇଁଷି, କୁକୁଡା ଇତ୍ୟାଦି ଜୀବିକା ଅର୍ଜନର ଏକ ମୁଖ୍ୟ ଅଙ୍ଗରୂପେ ଆଦୃତ । କୃମିନାଶକ ଔଷଧ, ପୋଷକ ଖଣିଜ ଦ୍ରବ୍ୟ ଓ ଅନ୍ୟାନ୍ୟ ଔଷଧ ଆବଣ୍ଟନ କରାଯାଇ ପଶୁଧନରେ ସୁରକ୍ଷା ଓ ଉତ୍ପାଦକତା ବୃଦ୍ଧି ପାଇଁ ଲୋକମାନଙ୍କୁ ସଚେତନ କରାଯାଇଥିଲା । ବିଭିନ୍ନ ରୋଗକୁ ଚିହ୍ନଟ କରାଯାଇ ପଶୁମାନଙ୍କ ଉପଯୁକ୍ତ ଚିକିତ୍ସାର ବ୍ୟବସ୍ଥା କରାଯାଇଥିଲା । ଅତ୍ୟନ୍ତ ଆଭ୍ୟନ୍ତରୀଣ ଅଞ୍ଚଳରେ ଅବସ୍ଥିତ ଆଦିବାସୀମାନେ ଏହି କାର୍ଯ୍ୟକ୍ରମ ଦ୍ୱାରା ଉପକୃତ ହୋଇ ନିଜର କୃତଜ୍ଞତା ଜ୍ଞାପନ କରିଥିଲେ ।



## ଆଳୁ କିସମ କୁଫ୍ରି ଜ୍ୟୋତିର ଆଗୁଆ ଧାଡ଼ି ପ୍ରଦର୍ଶନ

ସୁନ୍ଦରଗଡ଼ ଜିଲ୍ଲାରେ ଆଳୁ ଏକ ମୁଖ୍ୟ ଫସଲ ହୋଇଥିଲେ ମଧ୍ୟ ଉପଯୁକ୍ତ ବିହନ ଏବଂ ଜ୍ଞାନକୌଶଳ ଅଭାବରୁ ଚାଷୀମାନେ ଆଶାନୁରୂପ ଅମଳ ପାଇନଥାନ୍ତି । ତେଣୁ କୃଷି ବିଜ୍ଞାନ କେନ୍ଦ୍ର, ରାଉରକେଲା ତରଫରୁ ପୋଷ୍ୟଗ୍ରାମ ଖଟନକୁଦରଠାରେ ଆଳୁ କିସମ 'କୁଫ୍ରି ଜ୍ୟୋତି'ର ଏକ ଆଗୁଆ ଧାଡ଼ି ପ୍ରଦର୍ଶନ କାର୍ଯ୍ୟକ୍ରମ ହାତକୁ ନିଆଯାଇଥିଲା, ଏଥିରେ ଚାଷୀମାନଙ୍କୁ ଆଳୁ ବିହନ ସହିତ ବିହନ ବିଶୋଧକ ମଧ୍ୟ ପ୍ରଦାନ କରାଯାଇଥିଲା । ଏହି ଆଳୁ ଚାଷର ଉତ୍ପାଦନ ବୃଦ୍ଧି ପାଇଁ ସେମାନଙ୍କୁ ସମୟ ସମୟରେ ପ୍ରଶିକ୍ଷଣ ଦିଆଯାଇଥିଲା । ଏହି 'କୁଫ୍ରି ଜ୍ୟୋତି' କିସମ ଆଳୁ ଚାଷ କରି ସେମାନେ ହେକ୍ଟର ପ୍ରତି ପ୍ରାୟ ୨୩୨ କ୍ୱିଣ୍ଟାଲ୍ ଅମଳ ପାଇଥିଲେ ଯାହାକି ତାଙ୍କର ପାରମ୍ପରିକ ଚାଷ ପଦ୍ଧତି ଅପେକ୍ଷା ପ୍ରାୟ ୧୭% ଅଧିକଥିଲା । ଆଗାମୀ ଦିନରେ ଉକ୍ତ ଗ୍ରାମବାସୀମାନେ କୁଫ୍ରି ଜ୍ୟୋତି କିସମକୁ ଆପଣେଇ ଉନ୍ନତ ଜ୍ଞାନ କୌଶଳର ଉପଯୋଗ କରି ଅମଳ ବୃଦ୍ଧି କରିବାକୁ ଲକ୍ଷ୍ୟ ରଖିଛନ୍ତି, ଯାହାକି ସେମାନଙ୍କ ଜୀବନ-ଜୀବିକାରେ ପରିବର୍ତ୍ତନ ଆଣିପାରିବ ବୋଲି ଆଶା କରାଯାଉଛି ।



## ସିମଳା ଲଙ୍କା ଫସଲରେ ବୋରନ୍ ପ୍ରୟୋଗର ଆଗୁଆ ଧାଡ଼ି ପ୍ରଦର୍ଶନ



ସିମଳା ଲଙ୍କା ଚାଷ ଏକ ଲାଭଜନକ ଫସଲ ହୋଇଥିଲେ ମଧ୍ୟ, ଖାଦ୍ୟସାର ପ୍ରୟୋଗର ଉପଯୁକ୍ତ ଜ୍ଞାନକୌଶଳ ଅଭାବରୁ ଅମଳ କମ୍ ମିଳିଥାଏ । ସାଧାରଣତଃ ଏହି ଅଞ୍ଚଳରେ ଅଣୁସାର ବୋରନ୍‌ର ଅଭାବ ପରିଲକ୍ଷିତ ହୋଇଥିବାରୁ କୃଷି ବିଜ୍ଞାନ କେନ୍ଦ୍ର ରାଉରକେଲା ତରଫରୁ ସିମଳା ଲଙ୍କା ଫସଲରେ ବୋରନ୍ ଅଣୁସାର ପ୍ରୟୋଗର ଏକ ଆଗୁଆ ଧାଡ଼ି ପ୍ରଦର୍ଶନ କାର୍ଯ୍ୟକ୍ରମ ହାତକୁ ନିଆଯାଇଥିଲା । ଏହି କାର୍ଯ୍ୟକ୍ରମ ଜରିଆରେ କୁଆଁରମୁଣ୍ଡା ବ୍ଲକ୍‌ରେ ମନ୍ଦିରା ଗ୍ରାମବାସୀମାନଙ୍କୁ ସିମଳା ଲଙ୍କା ରୋପଣ କରିବାର ପୂର୍ବରୁ ଅଣୁସାର ବୋରାକ୍ସ ମାଟିରେ ପ୍ରୟୋଗ ପାଇଁ ଏବଂ ରୋପଣର ୩୦-୪୫ ଦିନ ମଧ୍ୟରେ ବୋରନ୍ ପତ୍ର ସିଞ୍ଚନ ପାଇଁ ପ୍ରଦାନ କରାଯାଇଥିଲା । ଏହି ଉପାୟରେ ଚାଷକରି ଉକ୍ତ ଚାଷୀମାନେ ପ୍ରାୟ ଏକ ହେକ୍ଟର ଜମିରୁ ୧୯୮ କ୍ୱିଣ୍ଟାଲ୍ ଅମଳ ପାଇଥିଲେ ଯାହାକି ତାଙ୍କର ବୋରନ୍ ପ୍ରୟୋଗ ହୋଇନଥିବା ଫସଲ ଅପେକ୍ଷା ୧୪% ଅଧିକ ଥିଲା । ଆଗାମୀ ଦିନରେ ସେମାନେ ନିଜ ଜମିରେ ଅଣୁସାର ବୋରନ୍ ପ୍ରୟୋଗ କରି ସିମଳା ଲଙ୍କାର ଉତ୍ପାଦନ ବୃଦ୍ଧି କରିବାକୁ ନିଷ୍ପତ୍ତି ନେଇଛନ୍ତି ।

## ଆଦିବାସୀ ଉପଯୋଜନା ଅନ୍ତର୍ଗତ ମଟର ଫସଲର ଆଗୁଆଧାଡ଼ି ପ୍ରଦର୍ଶନ

କଞ୍ଚାମଟରର ବଜାର ଚାହିଦା ଅଧିକ ଥିବାରୁ ଏହି ଜିଲ୍ଲାର ଚାଷୀମାନେ ଏହାକୁ ଏକ ଅର୍ଥକାରୀ ଫସଲ ରୂପେ ଆପଣେଇଥାନ୍ତି । କିନ୍ତୁ ଉପଯୁକ୍ତ ବିହନ ଏବଂ ଜ୍ଞାନ କୌଶଳର ଅଭାବ ଯୋଗୁଁ ସେମାନେ କମ୍ ଲାଭବାନ୍ ହୋଇଥାନ୍ତି । ଆଦିବାସୀ ଉପଯୋଜନା ଆଗୁଆ ଧାଡ଼ି ପ୍ରଦର୍ଶନ କାର୍ଯ୍ୟକ୍ରମ ଜରିଆରେ କୃଷି ବିଜ୍ଞାନ କେନ୍ଦ୍ର ତରଫରୁ ଘୋଡ଼ାବନ୍ଧ ଏବଂ ବଲାଣି ଗ୍ରାମର ୮ ହେକ୍ଟର ଜମିରେ ମଟର ଚାଷ ହାତକୁ ନିଆଯାଇଥିଲା । ଏଥିରେ ସମସ୍ତ ଆଦିବାସୀ ଚାଷୀମାନଙ୍କୁ ଉନ୍ନତ କିସମ ମଟର ବିହନ ଜେକେ - ୧୨୪ ବିହନ ପିଶୋଧକ, ରାସାୟନିକ ସାର ଆଦି ପ୍ରଦାନ କରାଯାଇଥିଲା । ମଟର ଚାଷର ଉତ୍ପାଦନ ବୃଦ୍ଧି ନିମନ୍ତେ ଏକ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା । ଏହି ମଟର ଚାଷ କରି ସେମାନେ ଏକ ହେକ୍ଟର ଜମିରୁ ପ୍ରାୟ ୧୦୮ କ୍ୱିଣ୍ଟାଲ୍ ଅମଳ ପାଇଥିଲେ ଯାହାକି ତାଙ୍କର ପାରମ୍ପରିକ ଚାଷ ପଦ୍ଧତି ଅପେକ୍ଷା ୧୪% ଅଧିକ ଥିଲା । କେନ୍ଦ୍ର ତରଫରୁ କ୍ଷେତ୍ର ଦିବସ ଆୟୋଜନ କରାଯାଇ ଚାଷୀମାନଙ୍କୁ ଆଗାମୀ ଦିନରେ ଏହିପରି ମଟର ଫସଲ କରିବାକୁ ପ୍ରବର୍ତ୍ତା ଯାଇଥିଲା ।

